**ସଂକ୍ଷେପରେ**

## ଡାବୁଗାଁରେ ନୂତନ ତହସିଲଦାର



ଡାବୁଗାଁ, ୧।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ତହସିଲରେ ନୂତନ ତହସିଲଦାରଭାବେ ଭବାନୀ ଶଙ୍କର ମିଶ୍ର ସୋମବାର ଯୋଗଦାନ କରିଛନ୍ତି । ସେ ପୂର୍ବରୁ କୋରାପୁଟ ଜିଲା ଲମତାପୁଟ ବ୍ଲକ ବିଡିଓଭାବେ କାର୍ଯ୍ୟ କରୁଥିଲେ। ଡାବୁଗାଁ ତହସିଲଦାର ସନ୍ଧ୍ୟା ସମରଥଙ୍କୁ ଲମତାପୁଟ ବିଡିଓଭାବେ ବଦଳି କରାଯାଇଛି। ନୂତନ ତହସିଲଦାରଙ୍କ କାର୍ଯ୍ୟ ଦକ୍ଷତା ଆଗାମୀ ଦିନରେ ଡାବୁଗାଁ ବ୍ଲକ ପାଇଁ ଉନ୍ନତିର କାରଣ ହେବ ବୋଲି ଡାବୁଗାଁବାସୀ ଆଶା ପ୍ରକଟ କରିଛନ୍ତି ।

## ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ, ୧।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚିକିଲି ଗ୍ରାମରେ ଜଣେ ଯୁବକ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଉମରକୋଟ ଥାନା ଅଧୀନ ମାଲପାର ଗ୍ରାମର ରାମଚନ୍ଦ୍ର ଗୌଡ଼ (୨୩)। ମୃତକ ରାମଚନ୍ଦ୍ର ମାମୁଁଙ୍କ ଝିଅକୁ ବିବାହ କରି ଡାବୁଗାଁ ଥାନା ଅଧୀନ ଚିକିଲି ଗ୍ରାମରେ ଶ୍ୱଶୁର ଘରେ ରହି ଆସୁଥିଲେ। କିନ୍ତୁ କୌଣସି କାରଣରୁ ରବିବାର ସନ୍ଧ୍ୟାରେ ରାମଚନ୍ଦ୍ର ଘର ଭିତର ଦୁଲମରେ ଏକ ଦଉଡି ସାହାଯ୍ୟରେ ଆତ୍ମହତ୍ୟା କରୁଥିବା ସମୟରେ ସ୍ତ୍ରୀ କନକ ଦେଇ ଓ ଶାଳି ଉର୍ମିଳା ଗୌଡ଼ ଏହାକୁ ଦେଖି ପାଟିକରିଥିଲେ। ପରିବାର ଓ ଗ୍ରାମବାସୀ ସେଠାରେ ପହଞ୍ଚି ରାମଚନ୍ଦ୍ରଙ୍କୁ ତଳକୁ ଓହ୍ଲାଇଥିଲେ। ଓହ୍ଲାଇବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ରାମଚନ୍ଦ୍ରଙ୍କ ମା' କମଳା ଗୌଡ଼ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍ଆଇ ପୁଷ୍ପଲତା ସୁନାନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ ୧୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଶଶୁରଘରେ ଜ୍ୱାଇଁ ମୃତ

କୋଡ଼ିଙ୍ଗା, ୧।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ଚେଣ୍ଡିଗୁଡ଼ା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶଶୁରଘରେ ଜ୍ୱାଇଁଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପାପଡ଼ାହାଣ୍ଡି ଥାନା ବଡ଼କୁମୁଲି ଗ୍ରାମର ହରିଶ୍ଚନ୍ଦ୍ର ଗୌଡ଼(୨୫)। ହରିଶ୍ଚନ୍ଦ୍ର ନିଜ ସ୍ତ୍ରୀ ବେଲଙ୍କୁ ନେଇ ଶୁକ୍ରବାର ଶ୍ୱଶୁର ଘର ଚେଣ୍ଡିଗୁଡ଼ାକୁ ଯାଇଥିଲେ। ସକାଳେ ପଙ୍ଖା ମରାମତି କରିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହରିଶ୍ଚନ୍ଦ୍ର ତଳେ ଟଳି ପଡ଼ିଥିଲେ। ଶାଶୁ ଏହା ଦେଖି ପଡ଼ୋଶୀ ଓ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ହରିଶ୍ଚନ୍ଦ୍ରଙ୍କ ବାପା କାହ୍ନୁ ଗୌଡ଼ ପହଞ୍ଚି କୋଡିଙ୍ଗା ଥାନାରେ ଏତଲା ଦେଇଛନ୍ତି। ୧୩।୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା କରିଥିବା କୋଡ଼ିଙ୍ଗା ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା ସୂଚନା ଦେଇଛନ୍ତି।

# ଥାନା ସମ୍ମୁଖ, ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତା ଅବରୋଧ

- ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ
- ୪ ଅଭିଯୁକ୍ତ ଗିରଫ

ନବରଙ୍ଗପୁର, ୧।୮ (ବି.ପ୍ର.)

ସଂଘବଦ୍ଧ ଆକ୍ରମଣରେ ନବରଙ୍ଗପୁର ଜିଲା ଗାଦବାଗୁଡ଼ା ଅଞ୍ଚଳର ଶେଖ ନିଜାମଙ୍କ ରବିବାର ରାତିରେ ମୃତ୍ୟୁ ହୋଇଛି। ତାଙ୍କ ପରିବାର ଲୋକେ ରବିବାର ବିଳମ୍ବିତ ରାତିରେ ଥାନା ସମ୍ମୁଖରେ ଓ ସୋମବାର ସକାଳୁ ମଝିଗୁଡା ଛକ ତଥା ୨୬ ନମ୍ବର ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ସାଢ଼େ ୩ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ ଥିଲା। ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ତହସିଲଦାର ରବୀନ୍ଦ୍ର ରାଉତ, ଏଏସ୍ପି ଜୟକୃଷ୍ଣ ବେହେରା ସେଠାରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏଏସ୍ପି କହିବା ପରେ ପୂର୍ବାହ୍ନ ୯ ଟାରେ ମୃତକଙ୍କ ପରିବାର ଲୋକେ ରାସ୍ତାରୁ ହଟିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ହେମନ୍ତ ଗରଡ଼ା, ସନ୍ତୋଷ କୁମାର ଖରା, ଭକ୍ତନାଥ ହରିଜନ ଓରଫ ଟନୀ ଓ ବିଦ୍ୟାଭୂଷଣ ବାଘ ଓରଫ ରାଜା।



ମୃତଦେହ ରଖି ନିଜାମଙ୍କ ପରିବାର ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ରବିବାର ରାତି ୮.୩୦ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଦବାଗୁଡା ଅଞ୍ଚଳର ଶେଖ ନିଜାମଙ୍କୁ ସାହିଲ ହୋଟେଲ ସମ୍ମୁଖ ପଡ଼ିଆରେ ଅଭିଯୁକ୍ତ ଓ ତାଙ୍କର କେତେଜଣ ସହଯୋଗୀ ସଂଘବଦ୍ଧ ଭାବେ ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ନିଜାମଙ୍କ ମୁଣ୍ଡ, ହାତ, ପେଟ, ପିଠି ଓ ଆଣ୍ଠୁ ଆଦିରେ ଗଭୀର କ୍ଷତ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଜାମଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଉଥିଲା। ରାସ୍ତାରେ ହିଁ ନିଜାମଙ୍କ ମୃତ୍ୟୁ ଘଟିଛି। ଏହାପରେ ପରିବାର ଲୋକେ ମୃତଦେହକୁ ବିଳମ୍ବିତ ରାତି ୧ଟାରେ ନବରଙ୍ଗପୁର ଥାନା ସମ୍ମୁଖରେ ରଖି ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଥିଲେ। ପରେ ସକାଳ ୫.୩୦ରେ ଥାନା ସମ୍ମୁଖରୁ ମୃତଦେହ ଉଠାଇ ୨୬ ନମ୍ବର ଜାତୀୟ ରାଜପଥରେ ରଖି ରାସ୍ତା ଅବରୋଧ କରିଥିଲେ। ନିଜାମଙ୍କ ବାପା ଶେଖ ଚାନ୍ଦଙ୍କ ଏତଲାକ୍ରମେ ନବରଙ୍ଗପୁର ପୋଲିସ କେସ୍ ନମ୍ବର ୩୮୬/୨୨ ଧାରା ୩୦୨, ୩୪ରେ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି। ସିସିଟିଭି ଆଧାରରେ ଯାଞ୍ଚ କରାଯାଉଛି। ଘଟଣାସ୍ଥଳରୁ ପୋଲିସ ଆକ୍ରମଣରେ ବ୍ୟବହୃତ ଠେଙ୍ଗା ଓ ଖଣ୍ଡା ଜବତ କରିଛି। ପ୍ରକାଶ ଯେ, ଚିକିତ୍ସିତ ଅବସ୍ଥାରେ ନିଜାମ ପୋଲିସକୁ ଡାକ୍ତରଙ୍କ ଉପସ୍ଥିତିରେ ଗିରଫ ଅଭିଯୁକ୍ତଙ୍କ ସମେତ ୮ ଜଣ ସଂଘବଦ୍ଧ ଭାବେ ଆସି ଆକ୍ରମଣ କରିଥିବା କହିଥିଲେ।

ସ୍ଥାନୀୟ ସେନାପତି ସାହିର ୪ ଜଣଙ୍କ ସହ ନିଜାମଙ୍କ ଶତ୍ରୁତା ଥିଲା। ସେମାନଙ୍କ ବିରୋଧରେ ଅନେକ ଥର ଥାନାରେ ଅଭିଯୋଗ କରାଯାଇଛି। କୌଣସି ପଦକ୍ଷେପ ନିଆ ନ ଯିବାରୁ ଏଭଳି ଘଟଣା ଘଟିଛି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଜାମଙ୍କ ସାନଭାଇ ଶେଖ ସମିମ ଦାବି କରିଛନ୍ତି।

## ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ରାଇଘର, ୧।୮ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ କୁରାବେଡା ପଞ୍ଚାୟତର ରେଙ୍ଗାଭାଟି ନୁଆପାରା ଗ୍ରାମର କୁଅଁର ଲାଲ୍ ଗଣ୍ଡଙ୍କୁ ସ୍ତ୍ରୀ ଚନ୍ଦ୍ରିକାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହାର କରାଯାଇଥିବା ଇଟାକୁ ପୋଲିସ ଜବତ କରିଛି। କୁଅଁର ଓ ଚନ୍ଦ୍ରିକାଙ୍କ ୫ଟିଝିଅ ଓ ୨ ପୁଅ ଅଛନ୍ତି। ଶନିବାର କୁଅଁର ଓ ଚନ୍ଦ୍ରିକାଙ୍କ ଝଗଡ଼ା ହେଉଥିବାବେଳେ ବଡ଼ ଝିଅ କାମ କରିବାକୁ ବାହରକୁ ଯାଇଥିଲେ। ଫେରିବା ପରେ ଚନ୍ଦ୍ରିକାଙ୍କୁ ଘର ଦାଣ୍ଡରେ ପଡିଥିବା ଦେଖି ସାଥୀମାନଙ୍କ ସହଯୋଗରେ ଘର ଭିତରକୁ ନେଇ ଶୁଆଇ ଥିଲେ। ରବିବାର ସକାଳୁ ଚନ୍ଦ୍ରିକା ନ ଉଠିବାରୁ ଗ୍ରାମବାସୀଙ୍କୁ ଜଣାଇବା ସହ ଥାନାରେ ଏତଲା ଦିଆ ଯାଇଥିଲା। ଏସ୍‌ଡିପିଓ, ଥାନାଧିକାରୀ ଟଙ୍କଗିରି ଭୋଇଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରବିବାର ପୋଲିସ କୁଅଁରଙ୍କୁ ଆଣି ଅଟକ ରଖି ପଚରା ଉଚରା କରିଥିଲା। ସୋମବାର ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ରାଇଘର ଥାନା ଅଧିକାରୀ ତାଙ୍କ ଘରକୁ ଯାଇଥିଲେ। ସେ ଯେଉଁ ଇଟାରେ ଚନ୍ଦ୍ରିକାଙ୍କ ମୁଣ୍ଡକୁ ମାରିଥିଲେ ତାହାକୁ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ୧୫୫/୨୨ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ଶ୍ରାବଣ ସୋମବାର ଉପଲକ୍ଷେ ନବରଙ୍ଗପୁର ଜିଲା ଡାବୁଗାଁସ୍ଥିତ ପ୍ରସିଦ୍ଧ କେଲିଆ ଶୈବପୀଠରେ ମହାଦେବଙ୍କୁ ଜଳାଭିଷେକ କରିବାକୁ ଯାଉଥିବା କାଉଡ଼ିଆମାନେ।

## ୧୦ ଜଣଙ୍କ ନାମରେ ମାମଲା, ୨ ଗିରଫ

**ଚୋର ସନ୍ଦେହରେ ଉଚ୍ଚ ଶିକ୍ଷିତ ଯୁବକଙ୍କୁ ମାଡ ମାରିବା ଘଟଣା**

ଚନ୍ଦାହାଣ୍ଡି, ୧।୮ (ଡି.ଏନ୍.ଏ.)

ଜଣେ ନିରୀହ ଉଚ୍ଚ ଶିକ୍ଷିତ ଯୁବକକୁ ଚୋର ସନ୍ଦେହରେ ନିସ୍ତୁକ ମାଡ଼ ମାରିବା ସହ ଉଲଗ୍ନ କରିବା ଘଟଣାରେ ଚନ୍ଦାହାଣ୍ଡି ଥାନା ପୋଲିସ କେସ ନମ୍ବର ୯୩/୨୨ରେ କେସ୍ ରୁଜୁ କରିଛି। ଏହି ଘଟଣାରେ ପୋଲିସ କପିଳ ରଣା ଏବଂ ଦିବ୍ୟରଞ୍ଜନ ତ୍ରିପାଠୀଙ୍କୁ ଗିରଫ କରିଛି। ମଙ୍ଗଳବାର ଉମରକୋଟ ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତକୁ ପ୍ରେରଣ କରାଯିବ। ଘଟଣାରେ ସମ୍ପୃକ୍ତ କ୍ଷୀରଚନ୍ଦ୍ର ନାୟକ, ସିରାଜ ବେଶ୍ରା, ଭୁବନେ ତ୍ରିପାଠୀ, ବୁଦ୍ଧେଶ୍ୱର ବେଶ୍ରା,କ୍ଷେଦରାଜ ବେଶ୍ରା, ବନବାସୀ ନାୟକ, ମୋହନ ନାୟକ ଓ ଉଗ୍ରେସନ ପଟେଲଙ୍କୁ ପୋଲିସ ଏବେବି ଖୋଜାଖୋଜି କରୁଛି।

ପ୍ରକାଶଯେ, ଝରିଗାଁ ବ୍ଲକ ରତାଗଣ୍ଡିଗୁଡା ପଞ୍ଚାୟତ ଅଧୀନ ପୁରଲା ଡୁରକିଗୁଡା ଗ୍ରାମର ବୃନ୍ଦାବନ ସାନ୍ତା ରବିବାର ଚନ୍ଦାହାଣ୍ଡି ବ୍ଲକ ଖପରାଡିହି ଗ୍ରାମର ନିଜ ସାଙ୍ଗକୁ ଦେଖାକରିବାକୁ ଯାଉଥିଲେ। ଏହି ସମୟରେ ତାଙ୍କ ବାଇକରୁ ପେଟ୍ରୋଲ ସରିଯିବାରୁ ମୋତିଗାଁ ପାଖରେ ଅଟକି ଯାଇଥିଲେ। ମୋତିଗାଁର କିଛି ବ୍ୟକ୍ତି ତାଙ୍କୁ ସେଠାରେ ତମେ କିଏ ବୋଲି ପଚାରିବାରୁ ସେ କିଛି କହି ନ ଥିବାରୁ ଚୋର ବୋଲି ସନ୍ଦେହ କରି ମାଡ ମାରିଥିଲେ। ଏହାପରେ ହାତକୁ ପଛପଟୁ ବାନ୍ଧି ଦେବା ସହ ଉଲଗ୍ନ କରି ମୋବାଇଲରେ ତାଙ୍କ ଭିଡିଓ କରିଥିଲେ। ବୁଦ୍ଧିଜୀବୀମାନେ ଏହାକୁ ନିନ୍ଦା କରି ସହ ଆଇନକୁ ହାତକୁ ନେବା ଉଚିତ ନୁହେ କହି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି

**ଚୁକ୍ତି ଭିତ୍ତିକ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ନବରଙ୍ଗପୁର, ୧।୮ (ବି.ପ୍ର.)

ଚୁକ୍ତି ଭିତ୍ତିକ କର୍ମଚାରୀ ମହାସଂଘ ନବରଙ୍ଗପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କମଳ ଲୋଚନ ମିଶ୍ରଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରାଯିବାକୁ ଦାବି ହୋଇଛି। ଚାକିରୀର ପ୍ରଥମ ୬ ବର୍ଷରେ ମଧ ନିୟମିତ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାରଙ୍କ ୨୦୧୬ ପେଫିକ୍ସେସନ ନିୟମ ଅନୁଯାୟୀ ଠିକା କର୍ମଚାରୀଙ୍କୁ ପୂର୍ଣ୍ଣ ଦରମା ପ୍ରଦାନ କରିବାକୁ ଦାବି ପତ୍ରରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନବେଳେ ଶିକ୍ଷକ ମହାସଂଘ ରାଜ୍ୟ ସଭାପତି ଅକ୍ଷୟ କୁମାର ପାଢ଼ୀ, ଚୁକ୍ତି ଭିତ୍ତିକ କର୍ମଚାରୀ ମହାସଂଘ ନବରଙ୍ଗପୁର ଶାଖା ସଭାପତି ପ୍ରଦୀପ କୁମାର ଦଳେଇ, କାର୍ଯ୍ୟକାରୀ ସଭାପତି ସୌରଭ ଦାସ, ସମ୍ପାଦକ ଆଶୀର୍ବାଦ ମହାପାତ୍ର ଓ ବ୍ଲକ ସଭାପତି ଦେବାଶିଷ ସୁଆରଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଦାବି ଜଣାଇବାକୁ ଆସିଥିବା ସରକାରୀ କର୍ମଚାରୀମାନେ।

## 'ଅଜଣା ବ୍ୟକ୍ତିଙ୍କୁ ବ୍ୟାଙ୍କ ତଥ୍ୟ ଦିଅନ୍ତୁ ନାହିଁ'

**ଟୁଇଟ୍ କରି ଲୋକଙ୍କୁ ସଚେତନ କଲେ ଏସ୍‌ପି**

ଉମରକୋଟ, ୧।୮ (ସ୍ୱ.ପ୍ର.)

ସାଇବର ଠକ ଏବେ କ୍ରେଡିଟ କାର୍ଡ ନାମରେ ଠକେଇ କରିବାରେ ମାତିଛନ୍ତି। ସାଇବର ଠକ ଅନେକ ସମୟରେ ଅନେକ ପ୍ରକାର ଉପାୟରେ ବ୍ୟାଙ୍କ ଖାତାଧାରୀଙ୍କୁ ଫୋନ କରି କ୍ରେଡିଟ କାର୍ଡ ଦିଆଯିବ ତେଣୁ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ ନମ୍ବର ଓ ଅନେକ ତଥ୍ୟ ନେଇ ଟଙ୍କା ହଡପ କରିବାକୁ ଯୋଜନା ଚଳାଇଛନ୍ତି। ତେଣୁ ଠକଙ୍କଠାରୁ ବଞ୍ଚି ରହିବାକୁ ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସୋସିଆଲ ସାଇଟରେ ନିବେଦନ କରାଯାଇଛି। ଅଜଣା ବ୍ୟକ୍ତି ଯଦି କେହି ବ୍ୟାଙ୍କ ବିଷୟରେ ପଚାରନ୍ତି ତାହେଲେ ତଥ୍ୟ ନ ଦେବାକୁ କୁହାଯାଇଛି। ଅନ୍ୟ ପଟେ ବ୍ୟାଙ୍କ କେବେହେଲେ ନିଜ ଗ୍ରାହକଙ୍କୁ ଏମିତି ଫୋନ କରନ୍ତି ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ସାଇବର ଠକଙ୍କଠାରୁ ଦୂରେଇ ରହିବା ପାଇଁ ଏସ୍‌ପି ଏସ୍.ସୁଶ୍ରୀ ଟୁଇଟ୍ କରି ଲୋକଙ୍କୁ ସଚେତନ କରିଛନ୍ତି।

## ବାଲ୍ ଗଙ୍ଗାଧର ତିଲକଙ୍କ ଶ୍ରାଦ୍ଧ ଦିବସ

କୋଡିଙ୍ଗା, ୧।୮ (ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଡିଙ୍ଗା ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀ ବାଲ ଗଙ୍ଗା ଧର ତିଳକଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ଉପାଧ୍ୟକ୍ଷ ବିବେକ ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ଜିଲା ସେବା ପ୍ରମୁଖ ବିଶ୍ୱ ମୋହନ ତ୍ରିପାଠୀ ମୁଖ୍ୟ ଅତିଥି, ଖଣ୍ଡ ସଂଘ ଚାଳକ ତ୍ରିପତି ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମୁହିକ ବନ୍ଦେ ମାତରମ୍ ଗାନ କରା ଯାଇଥିଲା। ଅତିଥିମାନେ ଗଙ୍ଗାଧର ତିଳକଙ୍କ ଜୀବନୀର ସ୍ମୃତି ଚାରଣ କରିଥିଲେ। ଅଧାପକ ରବି ନାରାୟଣ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ଦିବ୍ୟାଙ୍ଗ ବିବାହ ପ୍ରୋତ୍ସାହନ, ତୃତୀୟ ଲିଙ୍ଗଙ୍କୁ ପରିଚୟ ପତ୍ର

- ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର
- ୫୦ଜଣଙ୍କ ଅଭିଯୋଗ ଶୁଣିଲେ ପ୍ରଶାସନ

ନବରଙ୍ଗପୁର, ୧।୮ (ବି.ପ୍ର.)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟ୍ଟା ସଭାଗୃହରେ ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୦ ଜଣଙ୍କର ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିରୁ ୮ଟି ଗୋଷ୍ଠୀଗତ ଓ ୪୨ଟି ବ୍ୟକ୍ତିଗତ ଆପତ୍ତି, ଅଭିଯୋଗ ରହିଥିଲା। ଆବଶ୍ୟକ ଡାକ୍ତରି ଚିକିତ୍ସା, ପ୍ରଧାନମନ୍ତ୍ରୀ ଆବାସ, ଘର ଡିହ, ଜମିପଟ୍ଟା, ନିଯୁକ୍ତି ସୁବିଧା, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା, ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା, କୋଭିଡ୍ ଅନୁକମ୍ପା ରାଶୀ, ବିଦ୍ୟୁତ୍ ସଂଯୋଗୀକରଣ, ପାରିବାରିକ ସମସ୍ୟା, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ଅଭିଯୋଗର ସମାଧାନ କରିବାକୁ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲାପାଳଙ୍କ ଦ୍ୱାରା ୫ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ୨.୫ଲକ୍ଷର ଚେକ୍ ଦିଆଯାଇଛି। ଏଥିସହ ୫ ଜଣଙ୍କୁ ତୃତୀୟ ଲିଙ୍ଗ ପରିଚୟପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଏସ୍‌ପି ଏସ୍.ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ସିଡିଏମ୍‌ଓ କାଳିପ୍ରସାଦ ବେହେରା, ଆଇଟିଡିଏ ପିଏ ଅଭିମନ୍ୟୁ ମାଝି, ସମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଅଧିକ୍ଷଣ ଯନ୍ତ୍ରୀ (ପୂର୍ତ୍ତ ବିଭାଗ) ପ୍ରଫୁଲ୍ଲ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅଧିକାରୀମାନେ ସହାୟତା ରାଶୀ ପ୍ରଦାନ କରୁଛନ୍ତି ।

# ଶ୍ରାବଣରେ ବୈଶାଖ ତାତି, ରୁଆ ଜମି ଫାଟି ଆଁ

ଚନ୍ଦାହାଣ୍ଡି, ୧।୮ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଧାନ ଓ ମକାଚାଷ ହେଉଛି ଲୋକଙ୍କ ମୁଖ୍ୟ ଜୀବିକା। ହେଲେ ଏଠାରେ ଜଳସେଚନର ସୁବିଧା ନାହିଁ। ବର୍ଷା ଉପରେ ନିର୍ଭରକରି ଚାଷୀ ଚାଷ କରିଥାଏ। କିନ୍ତୁ ଗତ କିଛି ବର୍ଷ ହେବ ବ୍ଲକରେ ବର୍ଷାର ଅଭାବ ଚାଷୀଙ୍କୁ ତଳିତଳାନ୍ତ କରିଦେଲାଣି। ଚାଷ ଛାଡ଼ି ଲୋକେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ଗୋଡ଼ କାଢ଼ିଲାଣି। ଶ୍ରାବଣ ମାସ ସରିବାକୁ ବସିଥିଲେ ହେଁ ଆବଶ୍ୟକତାଠାରୁ କମ୍ ବର୍ଷା ହୋଇଛି। ବର୍ଷାର ଅଭାବ ଯୋଗୁ ବ୍ଲକରେ ମରୁଡ଼ି ଆଶଙ୍କା ଦେଖାଦେଲାଣି।

ସୂଚନାନୁଯାୟୀ, ଚଳିତ ବର୍ଷ ଜୁଲାଇରେ ନବରଙ୍ଗପୁର ଜିଲାରେ ହାରାହାରି ୪୫୯ ମି.ମି. ବର୍ଷା ରେକର୍ଡ କରାଯାଇଛି। ଚନ୍ଦାହାଣ୍ଡି ବ୍ଲକରେ ସର୍ବନିମ୍ନ ୨୨୪ ମି.ମି. ବର୍ଷା ହୋଇଛି, ଯାହା ଅନ୍ୟ ବ୍ଲକ ଅପେକ୍ଷା ୫୦ ପ୍ରତିଶତ କମ୍। ଗତ କିଛି ବର୍ଷର ଜିଲାରେ ମୌସୁମୀ ବର୍ଷାକୁ ତୁଳନା କଲେ ଚନ୍ଦାହାଣ୍ଡିରେ ଅନ୍ୟ ସ୍ଥାନ ଅପେକ୍ଷା କମ୍ ବର୍ଷା ହୋଇଛି। ଚଳିତ ବର୍ଷ ଜୁଲାଇରେ ହାରାହାରି ୫୦ ପ୍ରତିଶତ କମ୍ ବର୍ଷା ହୋଇଛି। ଏହାର ସିଧାସଳଖ ପ୍ରଭାବ ଚାଷ କାର୍ଯ୍ୟ ଉପରେ ପଡ଼ିଛି। ଚନ୍ଦାହାଣ୍ଡି ବ୍ଲକରେ ମୋଟ ଚାଷଜମି ମଧ୍ୟରୁ ସର୍ବାଧିକ ୧୧,୭୭୫ହେକ୍ଟର ଢିପ ଜମି ରହିଛି। ମଧ୍ୟମ ଅଞ୍ଚଳରେ ୨୨୬୧ ହେକ୍ଟର ଓ ସମତଳ ଅଞ୍ଚଳରେ ୧୮୭୪ ହେକ୍ଟର ଜମି ରହିଛି। ୫୯୨୦ ହେକ୍ଟର ଜମିରେ ଧାନ, ୨୫୫୫ ହେକ୍ଟରରେ ମକା, ୧୦୦ରେ ମାଣ୍ଡିଆ, ୨୫୦୦ରେ ପନିପରିବା ଓ ଡାଲି ଜାତୀୟ ଫସଲ ୨୫୬୦ ହେକ୍ଟର ଜମିରେ ଚାଷ ହେଉଛି। ଖରିଫରେ ୧୪ ହଜାର ୩ଶହ ହେକ୍ଟର ଜମିରେ ଚାଷ ହେଉଛି। ସରକାରୀ ରେକର୍ଡ ଅନୁଯାୟୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୧୬୦ ହେକ୍ଟର ସମେତ ଅନ୍ୟ ଉତ୍ସରୁ ୪୩୦୦ ହେକ୍ଟର ଜମିରେ ଜଳସେଚନ ସୁବିଧା ଥିବା କାଗଜରେ ଦର୍ଶାଯାଇଛି। ତେବେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଚନ୍ଦାହାଣ୍ଡିର ୧୪ ପଞ୍ଚାୟତରୁ କେବଳ ଶରଧାପୁର,ଚନ୍ଦାହାଣ୍ଡି, ପାଟଖଲିଆ ଓ ମୋହରା ପଞ୍ଚାୟତର କିଛି ଜମିକୁ ଫୁଲଝରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପାଣି ମାଡ଼ିଥାଏ। ବାକି ସବୁ ଚାଷଜମି ବର୍ଷ ଉପରେ ନିର୍ଭର। ଆଜକୁ ପ୍ରାୟ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଚନ୍ଦାହାଣ୍ଡିରେ ବର୍ଷା ହେଉନାହିଁ। ଚାଷୀ ମୋଟରରେ ପାଣି ସିଞ୍ଚନ କରି ତଳିକୁ ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ଯେଉଁ ଜମିରେ ରୁଆ ସରିଛି ସେହି ଜମି ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଫାଟି ଆ କଲାଣି ।

ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିକାଶର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ତେଲ ବହୁମୁଖୀ ପ୍ରକଳ୍ପ ପରିକଳ୍ପନା କରିଥିଲେ। ହେଲେ ରାଜନୀତିର ଚକ୍ରବ୍ୟୂହରେ ଫସି ରହିଛି ଏହି ପ୍ରକଳ୍ପ। ତେଲନଦୀର ଫଟିକିରେ ବହୁମୁଖୀ ପ୍ରକଳ୍ପ ନିର୍ମାଣ ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଥିଲେ। ଏହିପ୍ରକଳ୍ପରୁ ୧୩ପଞ୍ଚାୟତର ୯ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ବର୍ଷ ସାରା ଜଳ ଯୋଗାଣ ହେବାସହ ୨୦ ମେଗା ୱାଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇ ପାରିବା ପରିକଳ୍ପନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ କେନ୍ଦ୍ରୀୟ ଜଳସେଚନ ଆୟୋଗକୁ ଡିପିଆର୍ ଦାଖଲ କରିଥିଲେ ମଧ ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିନାହିଁ। ମହାନଦୀ ଟ୍ରିବ୍ୟୁନାଲରେ ଫସିଥିବା ଫଳରେ ଏହି ପ୍ରକଳ୍ପ ନିର୍ମାଣରେ ଅନିଶ୍ଚିତତା ରହିଛି। ୨୦୨୪ ବିଧାନସଭା ନିର୍ବାଚନକୁ ଆଖିଆଗରେ ରଖି ଚଳିତ ବିଧାନସଭା ଚାଲୁଥିବା ସମୟରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ରାଜ୍ୟ ସରକାରଙ୍କୁ ବ୍ଲକର ମାଲଗାଁ, କୁହୁଡ଼ି, ରାଜକୋଟ ଏବଂ ବଞ୍ଜାରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି ଉପସ୍ଥାପନ କରିଛନ୍ତି। ଏହି ଦାବି କେବେ ପୂରଣ ହେବ ଓ ଚାଷୀ ଏହି ପ୍ରକଳ୍ପ ମାଧ୍ୟମରେ କେବେ ଜଳସେଚନ ସୁବିଧା ପାଇପାରିବେ ତାହା ଦେଖିବା ବାକି ରହିଲା।

ଧରିତ୍ରୀ
DHARITRI
ମଙ୍ଗଳବାର, ୨ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଗଛକୁ ଧକ୍କାଦେଲା କାର୍, ଜଣେ ଗୁରୁତର



ଟିକିରି,୧୮(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋଡ଼ିବାଲି ପଞ୍ଚାୟତ ଚିରୁକୁଲି ଗ୍ରାମ ଆମ୍ବତୋଟା ନିକଟରେ ସୋମବାର ସନ୍ଧ୍ୟାରେ ଏକ କାର୍(ଓଆର୍ ୦୨ ବିଏ ୨୩୮୪) ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ୪ ଜଣ ଥିବାବେଳେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୁରୁତର ବ୍ୟକ୍ତି ହେଲେ ମାଣ୍ଡିବିସି ଗ୍ରାମର ଦେବରାଜ ଗୌଡ଼(୩୦)। ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ, ୪ ବ୍ୟକ୍ତି କାଶୀପୁରୁ କୌଣସି କାମରେ ମାଣ୍ଡିବିସି ଯାଇଥିଲେ। ସେଠାରୁ ଫେରିବା ବାଟରେ ଚିରିକୁଲି ଗ୍ରାମ ଆମ୍ବତୋଟା ନିକଟରେ ଗାଡ଼ି ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ।

### ଯୁବ କଂଗ୍ରେସର ପଦ ଯାତ୍ରା, ସାଧାରଣ ସଭା

କୋଡ଼ିଙ୍ଗା, ୧୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡ଼ିଙ୍ଗାରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ଏକ ପଦ ଯାତ୍ରା ଏବଂ ସାଧାରଣ ସଭା ଆୟୋଜିତ ହୋଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମିତି ରଞ୍ଜନ ଲେଙ୍କା ମୁଖ୍ୟ ଅତିଥି, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା ଯୋଗ ଦେଇଥିଲେ। ଯୁବ କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୋଭାଯାତ୍ରା କୋଡ଼ିଙ୍ଗା ନଗର ପରିକ୍ରମା କରିଥିଲେ। ଶେଷରେ ସାଧାରଣ



ସଭାରେ ଯୋଗ ଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷି ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସଦନ ନାୟକ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, କୋଷାଗୁମଡା ବ୍ଲକ ଯୁବ କଂଗ୍ରେସ ସଭାପତି ଧନୁର୍ଯ୍ୟୟ ବିଷୋଇ, ବରିଷ୍ଠ କଂଗ୍ରେସ ନେତା ଦିଲୀପ ବେହେରା, ଧରମ ସିଂ, ବାବୁଲି ବାଘ, ପଦ୍ମସାଇ ମାଳି, ଲିପିକା ମାଝି ପ୍ରମୁଖ ଯୋଗ ଦେଇଥିଲେ।

### ବଜ୍ରକାପ୍ତା ଉଦ୍ଧାର

ବ୍ରହ୍ମପୁର ଅଫିସ/ଗୋପାଳପୁର, ୧୮: ବ୍ରହ୍ମପୁର ବନାଞ୍ଚଳ ଅଧିନସ୍ଥ ହଳଦିଆପଦର ରାଳବ ଗ୍ରାମ ରାସ୍ତା ପାର୍ଶ୍ୱରେ ଏକ ଜୀବନ୍ତ ବଜ୍ରକାପ୍ତାକୁ ସୋମବାର ବନ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ହଳଦିଆପଦର ଗ୍ରାମର ଅଜିତ ଡାକୁଆଙ୍କ ଘର ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ବଜ୍ରକାପ୍ତା ବୁଲୁଥିବାର ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ଏ ନେଇ ଅଜିତ ଓ ତାଙ୍କ ସାଥୀ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଏହାପରେ ସରପଞ୍ଚ ଦଣ୍ଡପାଣି ବେହେରା ଓ ସମିତି ସଭ୍ୟ କେ. ପ୍ରବୀଣ ଦୋରା ବଜ୍ରକାପ୍ତାକୁ ସୁରକ୍ଷିତ ସ୍ଥାନରେ ରଖିଥିଲେ। ସ୍ଥାନୀୟ ଲୋକଙ୍କ ପକ୍ଷରୁ ବନ ଅଧିକାରୀଙ୍କୁ ଖବର ଦିଆଯାଇଥିଲା।

### ନୀଳକଣ୍ଠ ମନ୍ଦିର ନୂତନ କମିଟି ଗଠିତ



ଉମରକୋଟ, ୧୮(ସ୍ୱ.ପ୍ର.)- ଉମରକୋଟ ସହର ଉପକଣ୍ଠରେ ଥିବା ସର୍ବ ପୁରାତନ ଶୈବପୀଠ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରର ନୂତନ କମିଟି ଗଠନ କରାଯାଇଛି। ଆଜି ମନ୍ଦିର ପ୍ରାଙ୍ଗଣରେ ଏଥି ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହେଇଥିଲା। ତ୍ରିନାଥ ପରିଛାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅଶୋକ କୁମାର ପ୍ରଧାନଙ୍କୁ ସଭାପତିଭାବେ ମନୋନୀତ କରାଯାଇଛି। ୩ ନଂ ୱାର୍ଡ କାଉନ୍‌ସିଲର ମନୋଜ କୁମାର ନାୟକଙ୍କୁ ଉପସଭାପତି, ଭୈରବ ମିଶ୍ରଙ୍କୁ ସମ୍ପାଦକ, ମନୋଜ କୁମାର ପରିଛାଙ୍କୁ ସହସମ୍ପାଦକ ଓ ପ୍ରତାପ କେଶରୀ ସିଂ ଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ନୂତନ କମିଟିକୁ ମନ୍ଦିରର ସମସ୍ତ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଗୁରୁ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ନୂତନ ସଭାପତି ଅଶୋକ ପ୍ରଧାନ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଆଦିବାସୀଙ୍କୁ ପଥଭ୍ରଷ୍ଟ କରୁଛି ବେଆଇନ ମଦ କାରବାର

- ଢାବା ଠାରୁ ପାନ ଦୋକାନ ସବୁଠି ମଦ ବିକ୍ରି
- ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ

ବିଷମକଟକ,୧୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅଞ୍ଚଳରେ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ବଢୁଛି। ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପ୍ରତ୍ୟେକ ପଞ୍ଚାୟତରେ ପାନ ଦୋକାନ, ଜଳଖିଆ ଦୋକାନ, କିରାନା ଦୋକାନ ଏବଂ ହୋଟେଲରେ ବିନା ବାଧାରେ ମଦ ବିକ୍ରି ଚାଲିଛି। ଏମିତିକି ମଦ ବିକ୍ରି ପାଇଁ କୌଣସି ସମୟସୀମା ମଧ୍ୟ ରହୁନି। ଏହା ଆଦିବାସୀ ଅଞ୍ଚଳରେ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରିବା ସହ ପାରିବାରିକ ହିଂସା ବଢ଼ାଉଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଲୋକେ ନିଶାସକ୍ତ ଅବସ୍ଥାରେ ରହି କାମରେ ମଧ୍ୟ ମନ ଦେଉନାହାନ୍ତି। ଫଳରେ ବେକାରୀ ସମସ୍ୟା ବଢ଼ିବା ସହ ଅସାମାଜିକ କାର୍ଯ୍ୟକଳାପ ବଢୁଛି।



ଜିଲାରେ ଏହି କାରଣରୁ ଦୁର୍ଘଟଣା ସଂଖ୍ୟା ମଧ୍ୟ ଅଧିକ ବୋଲି ମତପ୍ରକାଶ ପାଉଛି। ଅନେକ ସମୟରେ ମହିଳା ଗୋଷ୍ଠୀ ଅଞ୍ଚଳରୁ ଦେଶୀ ମଦଭାଟି ହଟାଇବା ଏବଂ ବେଆଇନ ବିଦେଶୀ ମଦ କାରବାର ବନ୍ଦ ଦାବି କରି ଆଗକୁ ଆସୁଛନ୍ତି। ହେଲେ ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ବିଷମକଟକ ଦେଇ ଯାଇଥିବା ମୁଖ୍ୟରାସ୍ତା, ରାୟଗଡ଼ାରୁ କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଥିବା ଢ଼ାବା, ମେଡିକାଲ ଛକ ଏବଂ କୋର୍ଟ ନିକଟରେ ମଧ୍ୟ ଅବାଧରେ ମଦ ବିକ୍ରି ଚାଲିଛି। ବିଷମକଟକ ସହରରେ ୧୫ ରୁ ଉର୍ଦ୍ଧ୍ୱ ସ୍ଥାନରେ, ଚାଟିକଣାର ୪ଟି ସ୍ଥାନରେ ହାଟମୁନିଗୁଡ଼ାରେ ୫, ଦୁକୁମରେ ୧୦ ସାହାଡ଼ାରେ ୧୦ ଏବଂ ଦୁର୍ଗୀରେ ୧୨ଟି ସ୍ଥାନରେ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଓ ପ୍ରସ୍ତୁତି ଚାଲିଛି। ବେଆଇନ ନିଶା କାରବାରକୁ ରୋକିବା ଅବକାରୀ ବିଭାଗର ଦାୟିତ୍ୱ। ହେଲେ ରାୟଗଡ଼ା ଜିଲାରେ ବେଆଇନ ମଦ କାରବାରରେ ରୋକ ଲାଗିପାରୁନି। ଏହା ଉଭୟ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନାମକୁ ମାତ୍ର କେତୋଟି ସ୍ଥାନରେ ଚଢ଼ାଉ କରି ଅଳ୍ପ ପରିମାଣରେ ମଦ ଜବତ କରାଯାଉଥିବା ଦର୍ଶାଯାଉଥିଲେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ଦେଖିବାକୁ ମିଳୁନି। ଏହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ବିଭାଗ କାର୍ଯ୍ୟାନୁଷ୍ଠାନ ନ ନେବା ପଛରେ କାରଣ କ'ଣ ବୋଲି ପ୍ରଶ୍ନ ଉଠୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବେଆଇନ ମଦ କାରବାର ବନ୍ଦ କରିବାକୁ ଦାବି ହେଉଛି। ଏ ନେଇ ବିଷମକଟକ ଅବକାରୀ ଇନ୍ସପେକ୍ଟରଙ୍କୁ ପଚାରିବାରୁ ନଜରକୁ ଆସିଲେ ଚଢ଼ାଉ କରାଯାଉଛି ବୋଲି କହିଛନ୍ତି ।



# ମାଓବାଦୀପ୍ରବଣ ଅଞ୍ଚଳ ବୁଲିଲେ ଜିଲାପାଳ, ଏସ୍‌ପି

### ଗ୍ରାମରେ ଯାଇ ଡଙ୍ଗରିଆଙ୍କ ହାତରୁ ଜାଉ ପିଇଲେ

ରାୟଗଡା ଅଫିସ,୧୮

ରାୟଗଡା ଜିଲାପାଳ ସ୍ୱଧା ଦେବ ସିଂ ଓ ଏସ୍‌ପି ବିବେକାନନ୍ଦ ଶର୍ମା ରବିବାର କଲ୍ୟାଣସିଂପୁର ବ୍ଲକ ନିୟମଗିରି ପାହାଡ଼ ଉପରେ ଥିବା ମାଓବାଦୀପ୍ରବଣ ପାର୍ସାଲି ପଞ୍ଚାୟତର ଲାଖପଦର ଗ୍ରାମକୁ ଗସ୍ତକରି ଡଙ୍ଗରିଆଙ୍କ ହାତରନ୍ଧା ମାଣ୍ଡିଆ ଜାଉ ପିଇଛନ୍ତି। ଏଠାରେ ମାଓବାଦୀଙ୍କ ଉପଦ୍ରବ ଅଧିକ ଥିବାରୁ ଗ୍ରାମକୁ ପ୍ରଶାସନିକ ଅଧିକାରୀ କେହି ଯାଆନ୍ତିନାହିଁ। ଗ୍ରାମବାସୀ ମଧ୍ୟ ରାଜ୍ୟ ସରକାରଙ୍କ କୌଣସି ଯୋଜନାରୁ ଏଠାରେ ସୁଫଳ ପାଆନ୍ତିନାହିଁ। ସୂଚନାଯୋଗ୍ୟ, ଗତ ୨୮ରୁ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ କରୁଛନ୍ତି। ଏହି ଅବସରରେ ଜିଲାପାଳଙ୍କ ଗସ୍ତ ଗ୍ରାମବାସୀଙ୍କ ମଧ୍ୟରେ ଖୁସି ଆଣି ଦେଇଛି। ନିୟମଗିରି ସୁରକ୍ଷାମଞ୍ଚର ସିକକା ଲଦ, ଯୁବ ସଭାପତି ଶମ୍ଭା କୁଲସିକାଙ୍କ ସହ ଜିଲାପାଳ ଆଲୋଚନା କରିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ

ଗୁଣପୁର,୧୮(ଡି.ଏନ.ଏ)

ଗୁଣପୁର ଆଦର୍ଶ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ତାଲିମ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ତାହାର ମୁକାବିଲା କରିବାକୁ ହେବ ଓ ପ୍ରାଥମିକ ଉପଚାର ହାତ ପାହାନ୍ତାରେ କରିପାରିବା ଏହାର ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯାଇଥିଲା। କଟକରୁ ଆସିଥିବା ଏନ୍‌ଡିଆର୍‌ଏଫ୍ ଟିମ୍‌ର ଯବାନମାନେ ସେମାନେ ଆଣିଥିବା ବିଭିନ୍ନ ସରଞ୍ଜାମକୁ ନେଇ ପିଲା ଏବଂ ଶିକ୍ଷୟିତ୍ରୀ ଶକ୍ଷକମାନଙ୍କୁ ତାଲିମ ଦେଇଥିଲେ। ରାଜ୍ୟ ସରକାର ୯ମ ଏବଂ ୧୦ ଶ୍ରେଣୀ ପାଠ୍ୟକ୍ରମରେ ପ୍ରାକୃତିକ ବିପର୍ଯ୍ୟୟ ପାଠ୍ୟକ୍ରମ ସାମିଲ କରିଥିବାବେଳେ ଏହି ବିଷୟ ଆଧାରରେ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗୁଣପୁର ଅତିରିକ୍ତ ତହସିଲଦାର କପିଳେଶ୍ୱର ତାଣ୍ଡି ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ମୁକାବିଲା ନେଇ ତାଲିମ ଦିଆଯାଉଛି।

# ରାୟଗଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼ା ଅଫିସ,୧୮

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲା ସଦର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଡିଆରଡିଏ ପିଡି ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ଭୀମସେନ ଶବର, ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବଗ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଜିଲା ଯୋଗାଣ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଡିଏସ୍‌ଡବ୍ଲ୍ୟୁଓ ଯାଜ୍ଞସେନୀ ବେହେରା, ତହସିଲଦାର ତାପସ କୁମାର ରାଉତ, ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ପୌର ନିର୍ବାହୀ ଅଧିକାରୀ ୟାଶିର୍ ବିଲାଲ ଅହମ୍ମଦ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବଚରଣ ନାୟକ, ରାୟଗଡ଼ା ଜିଲା କ୍ରୀଡ଼ା ଅଧିକାରୀ ଶେଖ ଅଲନୁର, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ନାରାୟଣ ନାୟକ ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୬୦ ଅଭିଯୋଗ ଜିଲାପାଳଙ୍କ ନଜରକୁ ଆସିଥିଲା ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ ହଜାର ଟଙ୍କା ଏବଂ ୨ ଜଣଙ୍କୁ ଜିଲା ରେଡ୍‌କ୍ରସରୁ ୧୦ହଜାର ଟଙ୍କା ସମେତ ମୋଟ ୩୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ସମସ୍ୟା ଗୁଡ଼ିକର ସମାଧାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

### ଯୁବ ଛାତ୍ର ବିଜେଡି ପକ୍ଷରୁ ଚାରାରୋପଣ

ରାୟଗଡ଼ା ଅଫିସ,୧୮

ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରାୟଗଡ଼ା ଜିଲା ଯୁବ ଛାତ୍ର ବିଜେଡି ପକ୍ଷରୁ ଯୁବ ସଭାପତି ଦେବାଶିଷ ଖାଡ଼ଙ୍ଗା ଏବଂ ଛାତ୍ର ସଭାପତି ବିଷ୍ଣୁ ପଣ୍ଡାଙ୍କ ନେତୃତ୍ୱରେ ସୋମବାର ରାମନାଗୁଡ଼ା ବ୍ଲକ ଗୁମୁଡ଼ା ହନୁମାନ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଯୁବ ବିଜେଡିର ଉପସଭାପତି ଅମିତ ମହାରଣା, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ କମଳ ମୁଟିକା, ସଞ୍ଜୟ ପ୍ରଧାନ, ରାମନାଗୁଡ଼ା ବ୍ଲକ ଯୁବ ସଭାପତି ରମେଶ ଶବର, ଛାତ୍ର ବିଜେଡି ବ୍ଲକ ସଭାପତି ଦୀପକ ଦାଶ, ଯୁବନେତା ଅଶ୍ୱିନୀ ରାଉଳ, ସନ୍ତୋଷ ପାଣିଗ୍ରାହୀ, ଶିଙ୍କୁ ପଣ୍ଡା, ଜି.ଭାସ୍କର, ସଞ୍ଜୟ ଗମାଙ୍ଗ, ରାମନାଗୁଡ଼ା ବ୍ଲକର ଦଳୀୟ ନେତା ଜଗଦୀଶ ନାୟକ ବେହରା ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

### ଅସହାୟ ବୃଦ୍ଧଙ୍କୁ ଚିକିତ୍ସା ସୁବିଧା



ନବରଙ୍ଗପୁର, ୧୮(ବି.ପ୍ର.)

ନବରଙ୍ଗପୁର ମେଦ୍ରୀ ସାହି ଛକ ନିକଟରେ ଏକ ଠେଲା ଉପରେ ୩ଦିନ ହେବ ଅସହାୟ ଭାବରେ ପଡିରହି ଥିବା ବୃଦ୍ଧ ବିଷ୍ଣୁ ଭତ୍ରାଙ୍କୁ ଚିକିତ୍ସା ସହାୟତା ମିଳିଛି। ବୃଦ୍ଧ ଜଣକ ଭଲ ଭାବେ ବସି ଉଠି ପାରୁ ନଥିଲେ। ଖାଇବା ପାଇଁ ମଧ୍ୟ ହାତ ଉଠାଇବାକୁ ବଳ ପାଉ ନ ଥିଲା। ଖବରପାଇ ପରେ ନବରଙ୍ଗପୁର ପୌର ପାଳିକା ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ଅତିରିକ୍ତ ସରକାରୀ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ମନୋଜ ମହାକୁଡ ପ୍ରମୁଖ ବଦାନ୍ୟତା ଦେଖାଇ ସହାୟତାର ହାତ ବଢ଼ାଇ ଥିଲେ। ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରିଛନ୍ତି।

# କାଶୀପୁର ଝାଡ଼ାବାନ୍ତି ମୃତକଙ୍କୁ ୨୦ ଲକ୍ଷ କ୍ଷତିପୂରଣ ଦାବି

### ଲୋକଙ୍କ ସମସ୍ୟା ବୁଝିଲା ଜନ ଜାଗରଣ ଅଭିଯାନ

ଟିକିରି,୧୮(ଡି.ଏନ୍.ଏ.)

ଓଡ଼ିଶା ଜନଜାଗରଣ ଅଭିଯାନର ରାଜ୍ୟ ସଭାପତି ମଧୁସୁଦନଙ୍କ ନେତୃତ୍ୱରେ ଏକ ଟିମ୍ କାଶୀପୁର ବ୍ଲକର ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ଗସ୍ତ କରି ମୃତକମାନଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ମୃତକଙ୍କ ପରିବାର ଲୋକେ ଶ୍ରମିକ ଶ୍ରେଣୀର ହୋଇଥିବାରୁ ପ୍ରତ୍ୟେକ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଛନ୍ତି। ଏହି ଟିମ୍ ୨ ଦିନ ଧରି ଅଞ୍ଚଳର ମୁଖ୍ୟ ସମସ୍ୟା ଲୋକଙ୍କ ଠାରୁ ପଚାରି ବୁଝିଥିଲେ।

କାଶୀପୁର ବ୍ଲକରେ ମୃତ୍ୟୁକୁ ରୋକିବା ପାଇଁ ସରକାର ପ୍ରତ୍ୟେକ ପରିବାରଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ନାଳ ନର୍ଦ୍ଦମା ସଫା, ପ୍ରତ୍ୟେକ ଘରେ ଶୌଚାଳୟ ସ୍ଥାପନ ଏବଂ ଗାଁକୁ ପକ୍କାରାସ୍ତା କରନ୍ତୁ ଏବଂ ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଅନ୍ତୁ ବୋଲି ଅଭିଯାନର ସଭାପତି କହିଛନ୍ତି। ଏଥିସହ ଆଗମୀ ଦିନରେ ସଙ୍ଗଠିତ ହୋଇ ଜନ ଆନ୍ଦୋଳନ ମାଧ୍ୟମରେ ଅଞ୍ଚଳକୁ କଲେରା ମୁକ୍ତ କରିବା ସହ ସମସ୍ୟାର ସମାଧାନ ନିମନ୍ତେ ଯୁବକ ଏବଂ ମହିଳାମାନେ ଆନ୍ଦୋଳନର ନେତୃତ୍ୱ ନେବାକୁ ଆହ୍ୱାନ କରିଥିଲେ।

# ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ଗୁଣପୁର,୧୮(ଡି.ଏନ୍.ଏ.)

ଗୁଣପୁର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଉପଜିଲାପାଳ ତଥା ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଲୋକନାଥ ଦଳବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ଼ ମଞ୍ଚାସିନ ଥିଲେ। ସରକାରଙ୍କ ନିର୍ଦ୍ଦେଶ ମୁତାବକ କୋଭିଡ୍ କଟକଣାରେ ସ୍ୱାଧୀନତା ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଛି। ପ୍ୟାରେଡ ଏବଂ ଜନ ସମାଗମକୁ ବାରଣ କରାଯାଇଛି। କମ୍ ସଂଖ୍ୟକ ବ୍ୟକ୍ତିବିଶେଷଙ୍କୁ ନେଇ ମିନି ଷ୍ଟାଡିୟମଠାରେ ସ୍ୱାଧୀନତା ଦିବସ ପାଳନ କରାଯିବ। ୭.୩୦ରୁ ୮ଟା ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯିବ। ୯.୧୫ ରେ ମିନି ଷ୍ଟାଡିୟମ ଠାରେ ଜାତୀୟ ପତାକା ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତୋଳନ କରାଯିବ। ଏସ୍‌ଡିଆଇପିଆର୍‌ଓ ରଶ୍ମିରାଣୀ ନିମାକା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ତହସିଲଦାର ଶରତ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜଗନ୍ନାଥ ମନ୍ଦିର ଚୂଡ଼ାରେ କଳସ ସ୍ଥାପନ ଉତ୍ସବ

ଗୁଡାରି,୧୮(ଡି.ଏନ୍.ଏ.)–

ଗୁଡାରି ସହରରେ ନିର୍ମାଣାଧୀନ ଶ୍ରୀ ଜଗନ୍ନାଥ ମନ୍ଦିର ଚୂଡ଼ାରେ କଳସ ସ୍ଥାପନ ଉତ୍ସବ ରବିବାର ଶ୍ରାବଣ ଶୁକ୍ଳ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଜଗନ୍ନାଥ ମନ୍ଦିର ଚୂଡ଼ା, ମଧ୍ୟ ଓ ନିମ୍ନଭାଗରେ କଳସ ସ୍ଥାପନ କରାଯାଇଛି। ଜଗନ୍ନାଥ ମହାପ୍ରଭୁଙ୍କ ନିକଟରୁ ଆଜ୍ଞା ମାଳ ଆସିବା ପରେ କଳସ ଗୁଡ଼ିକୁ ପୂଜାର୍ଚ୍ଚନା କରାଯାଇ ଶ୍ରୀ ମନ୍ଦିର ରୀତିନୀତି ଅନୁଯାୟୀ ସ୍ଥାପନ କରାଯାଇଥିଲା। ନାରିକେଳ ଭାଙ୍ଗି ପୂଜା ସମାପନ ହୋଇଥିଲା। ଜଗନ୍ନାଥ ମନ୍ଦିର ପୂଜାରୀ ରବି ପଣ୍ଡା ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇ ଥିବାବେଳେ ବେଲଗୁଣ୍ଠାରୁ ଆସି ମନ୍ଦିର ନିର୍ମାଣ କରୁଥିବା ମୁଖ୍ୟ ରମେଶ ମହାରଣା ପବିତ୍ର କଳସ ସ୍ଥାପନ କାର୍ଯ୍ୟ କରିଥିଲେ। ଏହି ଉତ୍ସବରେ ସହରର ଶ୍ରଦ୍ଧାଳୁ, ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ଓ ସହରବାସୀ ଉପସ୍ଥିତ ଥିଲେ।



ନିର୍ମାଣାଧୀନ ମନ୍ଦିର ଚୂଡ଼ାରେ କଳସ ସ୍ଥାପନ କରାଯାଉଛି।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା କଂଗ୍ରେସ

### ମୁନିଗୁଡ଼ାରେ ଯୁବ ସମ୍ପର୍କ ପଦଯାତ୍ରା

ମୁନିଗୁଡ଼ା,୧୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ପ୍ରଦେଶ କଂଗ୍ରେସର ଆହ୍ୱାନ ଓ ଜିଲା ଯୁବ କଂଗ୍ରେସର ଆୟୋଜନ କ୍ରମେ ଯୁବ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତା, ମୁନିଗୁଡ଼ା ବ୍ଲକ କଂଗ୍ରେସ ସଭାପତି ନିଳାମ୍ବର ବିଭାର ଏବଂ ଏମ୍‌ପିଙ୍କ ପ୍ରତିନିଧି ତଥା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମାନସ ରଞ୍ଜନ ବେହେରାଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମିତି ରଞ୍ଜନ ଲେଙ୍କା, ସମ୍ମାନିତ ଅତିଥି ରୂପେ ଯୁବ କଂଗ୍ରେସ ସଭାପତି ଆସଲାମ ଖାଁ ପଦଯାତ୍ରାରେ ଯୋଗ ଦେଇଥିଲେ।

ପଦଯାତ୍ରା ଭୟରବଗଡ଼ ଗାଁ ଦେଇ ଲିଟିଗୁଡ଼ା ରୋଡ୍ ଓ ହୁକୁମତୋଲା–ମୁନିଗୁଡ଼ା ରାସ୍ତାଦେଇ ମୁନିଖୋଲ କନ୍ୟକା ପରମେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ଦଳ କେନ୍ଦ୍ର ଓ ରାଜ୍ୟ ସରକାରର ନୀତିକୁ ତୀବ୍ର ସମାଲୋଚନା କରିଥିଲା। ପରେ ମୁନିଖୋଲ ସ୍ଥିତ ମନ୍ଦିର ନିକଟରେ ଏକ ପ୍ରତିବାଦ ସଭା ଜିଲା ସଭାପତିଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇ ଉଭୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ କଂଗ୍ରେସ ସଭାପତିଙ୍କ ସମେତ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମାନସ ରଞ୍ଜନ ବେହେରା, ଜିଲା ଯୁବ କଂଗ୍ରେସ ସଭାପତି, ଓ ମୁନିଗୁଡ଼ା ବ୍ଲକ କଂଗ୍ରେସ ସଭାପତି ପ୍ରମୁଖ ଉପସ୍ଥିତ ରହି ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର, ନିଯୁକ୍ତି ବୟସ ସୀମା ୩୨ ବଦଳରେ ୪୨, ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ, ଜିଲା ଭିତ୍ତିକ ନିଯୁକ୍ତିକୁ ଲାଗୁକରିବା, ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତିକୁ ତଦନ୍ତ ପରିସରଭୁକ୍ତ କରିବା, ମଣ୍ଡି ସମସ୍ୟାର ଦ୍ରୁତ ସମାଧାନ, ମୁନିଗୁଡ଼ାର ରେଳ ଫାଟକ ନକଟରେ ଭୂତଳ ରାସ୍ତା, ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା, ବିଜ୍ଞାନ କଲେଜ ସ୍ଥାପନ, ଭୂମିହୀନ ଓ ଗୃହହୀନଙ୍କୁ ଜମି ଓ ଘରଡିହ ପ୍ରଦାନ, ଡଙ୍ଗରିଆଙ୍କ ନିମନ୍ତେ ଶୀତଳ ଭଣ୍ଡାର ଏବଂ ବେଦାନ୍ତ କମ୍ପାନୀରେ ସ୍ଥାନୀୟ ଯୁବତୀଙ୍କ ନିଯୁକ୍ତି ଉପରେ ପ୍ରାଧାନ୍ୟ ନିମନ୍ତେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ବି. ଚନ୍ଦ୍ରଶେଖର ରାଓ, ଭାଗିରଥି ନାଗ, ନରସିଂହ ପଟ୍ଟନାୟକ, ବ୍ଲକ ଯୁବ କଂଗ୍ରେସ ସଭାପତି ମହେଶ ନାର୍ସୁ, ଜିଲା ଯୁବ କଂଗ୍ରେସ ଅନୁସୂଚିତ ଜାତି ସମ୍ପାଦକ ରମେଶ ପାଲକା, ନାରୀନେତ୍ରୀ ହିରାମାଆ ଗରଡିଆ, ସରପଞ୍ଚ ସରସ୍ୱତୀ ଶବର, ପ୍ରମିଳା ସିକକା, ସମିତି ସଭ୍ୟା ସୁମିତ୍ରା ମାଝିଙ୍କ ସମେତ ବ୍ଲକର ସମସ୍ତ ଯୁବ କଂଗ୍ରେସ କର୍ମୀ ପରିଚାଳନାରେ ସହାୟତା କରିଥିଲେ।



ଦଳ ପକ୍ଷରୁ ବାହାରିଥିବା ପଦଯାତ୍ରା।

## ସଂକ୍ଷେପରେ

### ବିଶ୍ୱ ସ୍ତନ୍ୟପାନ ଦିବସ
### ମା' କ୍ଷୀର ଶିଶୁପାଇଁ ଅମୃତ ସମାନ

ମାଲକାନଗିରି,୧।୮ (ଡି.ଏନ୍.ଏ.)- ମା କ୍ଷୀର ଶିଶୁ ପାଇଁ ଅମୃତ ସମାନ। ପ୍ରତ୍ୟେକ ଶିଶୁକୁ ହୃଷ୍ଟପୁଷ୍ଟ ଓ ନିରୋଗ ରଖିବା ପାଇଁ ପ୍ରତ୍ୟେକ ମାଆ ନିଜ ଶିଶୁଙ୍କୁ ସ୍ତନ୍ୟପାନ କରିବା ଉଚିତ ବୋଲି ସୋମବାର ମାଲକାନଗିରି ଜିଲା ଚିକିତ୍ସାଳୟ ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ଧ୍ୟାରାଣୀ ପଟ୍ଟନାୟକ କହିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଶଶିଭୂଷଣ ମହାପାତ୍ର, ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ ମିଶ୍ର, ଜିଲା ପ୍ରକଳ୍ପ ମ୍ୟାନେଜର ବନବିହାରୀ ମିଶ୍ର, ପରିଚାଳକ ଅଙ୍କିତ ଜୈନ, ଜିଲା ଜନ ସମ୍ପର୍କ ଅଧିକାରୀ ସତ୍ୟନାରାୟଣ ଦେଓ ପ୍ରମୁଖ ଅଂଶଗ୍ରହଣ କରି ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଯେଉଁ ଶିଶୁମାନେ ମାଆ ସ୍ତନ୍ୟପାନ କରନ୍ତି ସେମାନଙ୍କ ସ୍ୱାସ୍ଥ୍ୟ, ଶରୀର ସୁଦୃଢ଼, ଶ୍ରବଣ ଶକ୍ତି, ମାନସିକ ସ୍ଥିତି, ଭଲ ରୁହେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମା ମାନେ ନିଜ ଜନ୍ମିତ ସନ୍ତାନଙ୍କୁ ସ୍ତନ୍ୟପାନ କରାଇବା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ।

### ଡିଆଇପିଆରଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୋରାପୁଟ,୧।୮(ସ୍ୱ.ପ୍ର.)- କୋରାପୁଟର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁଙ୍କୁ କୋରାପୁଟ ପ୍ରେସ୍ କ୍ଲବ ପକ୍ଷରୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ପ୍ରେସ୍ କ୍ଲବ ପରିସରରେ କ୍ଲବ ସଭାପତି ଭବାନୀଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସମ୍ପାଦକ ଅମିତାଭ ବେହେରା, ବରିଷ୍ଠ ଖବରଦାତା ସି.ଏଚ. ସାନ୍ତାକାର, ବିଦ୍ୟାଧର ଚୌଧୁରୀ, କୀର୍ତ୍ତିଚନ୍ଦ୍ର ସାହୁ, ଘନଶ୍ୟାମ ରଥ, ରଞ୍ଜନ ଦାସ, ଗୋପାଳ ପାଢୀ, ଜିତେନ୍ଦ୍ର ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡା ଅବସରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାୟଗୁରୁଙ୍କ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାୟଗୁରୁ କୋରାପୁଟର ଖବରଦାତା ଅତି ସରଳ ଓ ଭଦ୍ର ବୋଲି ପ୍ରକାଶ କରି ଜିଲାର ବିକାଶରେ ଖବରଦାତାମାନଙ୍କ ମିଳିତ ଭୂମିକା ପ୍ରଶଂସନୀୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାର ନୂତନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶିଖାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ପ୍ରେସ କ୍ଲବ ପକ୍ଷରୁ ବିଦାୟୀ ଡିଆଇପିଆରଓ ରାୟଗୁରୁଙ୍କୁ ଏକ ଉପହାର ପ୍ରଦାନ କରାଯାଇଥିଲା।

### ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ବୈଠକ

କୋରାପୁଟ,୧।୮(ସ୍ୱ.ପ୍ର.)- କୋରାପୁଟସ୍ଥିତ ଅତିଥିଭବନଠାରେ ରବିବାର ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ କୋରାପୁଟ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଦୀପନ ପାଢୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଉପସଭାପତି ଜଗନ୍ନାଥ ନାୟକ, ସମ୍ପାଦକ ଗୌରୀ ଶଙ୍କର ପାଣି , ଯୁଗ୍ମ ସମ୍ପାଦକ ଜୟନ୍ତ ସାହୁ, ମିଡିଆ ସମ୍ପାଦକ ମନୋଜ ବାରିକଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିବା ସହ ସମାନ କାମକୁ ସମାନ ଦରମା ପ୍ରଦାନ କରିବାକୁ ବୈଠକରେ ଦାବି କରାଯାଇଥିଲା। ରାଜ୍ୟ ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ସଂଘ କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିଡିଆ ସମ୍ପାଦକ ମନୋଜ ବାରିକ କହିଥିଲେ।

### ଚଢ଼ାଉ, ଜଣେ ଗିରଫ

ଜୟପୁର, ୧।୮ (ନି.ପ୍ର.)-ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋରାପୁଟର ସଞ୍ଜୟ ବିଷୋୟୀ (୪୫)। ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ସଦର ଥାନା ଅନ୍ତର୍ଗତ କୋରାପୁଟ ଗ୍ରାମ ରାସ୍ତାରେ ଚଢାଉ କରି କର୍ମଚାରୀମାନେ ମଦ ନେଇ ଯାଉଥିବା ସଞ୍ଜୟଙ୍କୁ ଧରିଥିଲେ। ତାଙ୍କଠାରୁ ୧୫ ଲିଟର ଦେଶୀ ଜବତ ହୋଇଛି। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଅର୍ଦ୍ଧନିର୍ମିତ ଅବସ୍ଥାରେ ୪୪ ଅଙ୍ଗନୱାଡ଼ି କେନ୍ଦ୍ର

ଦଶମନ୍ତପୁର,୧।୮ ( ଡି.ଏନ.ଏ. )

ପ୍ରଶାସନର ଅବହେଳା ଯୋଗୁ ଗତ ୨୦୧୬-୧୭ରୁ ଆରମ୍ଭ ହୋଇଥିବା ଅଙ୍ଗନୱାଡି କେନ୍ଦ୍ରର ଗୃହଗୁଡିକ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଫଳରେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି କେନ୍ଦ୍ରଗୁଡିକ ପ୍ରତିଷ୍ଠା ହୋଇଥିଲା ତାହା ବିଫଳ ହୋଇଛି। କୋମଳମତି ଶିଶୁମାନଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନର ସ୍ଥାଣୁତା ଯୋଗୁ ୪୪ ଅଙ୍ଗନୱାଡି କେନ୍ଦ୍ରରୁ ଶିଶୁମାନେ ପ୍ରାକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ।

ନିଜସ୍ୱ ଗୃହ ନ ଥିବାରୁ ଅଙ୍ଗନୱାଡ଼ି କର୍ମୀମାନେ ଅନ୍ୟର ଘର ଭଡ଼ା ନେଇ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ପ୍ରାକ୍ ବିଦ୍ୟାଳୟର ଏହି ଶିଶୁମାନେ ଖେଳକୁଦ କି ନାଚଗୀତ କରିପାରୁନାହାନ୍ତି। ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ଲକର ୧୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୫ ବର୍ଷ ମଧ୍ୟରେ ୨୬୪ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମିତ ହୋଇଛି। ସେଥିରୁ ୧୯୭ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ରହିଥିବା ବେଳେ ୪୪ଟି କେନ୍ଦ୍ରର କୋଠା ଅର୍ଦ୍ଧନିର୍ମିତ ଅବସ୍ଥାରେ


ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଏକ ଅଙ୍ଗନୱାଡି ଗୃହ।

ପଡ଼ି ରହିଛି। ଗୃହଗୁଡ଼ିକ ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବାରମ୍ବାର ପ୍ରଶାସନକୁ ଏ ସମ୍ପର୍କରେ ଜଣାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ସେହିଭଳି ଗିର୍ଲିଗୁମ୍ମା ପଞ୍ଚାୟତ ଗଦଲିଗୁମ୍ମା ଗ୍ରାମରେ ଥିବା ଅଙ୍ଗନୱାଡି ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ପିଣ୍ଡାପଦର ପଞ୍ଚାୟତର ନାରଗଛ ଏବଂ ଦଶମନ୍ତ ପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଅଧାରେ ଅଟକି ରହିଛି। ୪୪ଟି ଅଙ୍ଗନୱାଡି ଗୃହ ମଧ୍ୟରୁ ୬ଟି ଲୁଲା ସେକ୍ଟରର ଶୁକ୍ରପୁଟ, ଗିର୍ଲିଗୁମ୍ମାର ପିଣ୍ଡାପଦର, ପିଣ୍ଡାପଦର ସେକ୍ଟରର ବରଗୁଛା, ଡୁମ୍ବଗୁଡାର ମନକମୁଣ୍ଡି, ଓ ପୋଡାବାଗ୍ରୀର ପୋଡାଗଡ-୧ର ପୁରୀମୁଣ୍ଡା, ଦଶମନ୍ତପୁରର ଲାଡିବେଡା ସେଣ୍ଟରରେ ଗୃହଗୁଡିକ ଶେଷ ହେଇଥିଲେ ହେଁ ପ୍ରଶାସନ ସଂପୃକ୍ତ ଗୃହଗୁଡ଼ିକୁ ଅଙ୍ଗନୱାଡି କର୍ମୀଙ୍କୁ ହସ୍ତାନ୍ତର କରୁ ନ ଥିବା ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ତେବେ ପ୍ରଶାସନର ଏପରି ଉଦାସୀନତା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ଅବହେଳାରୁ ନିର୍ମାଣ କରାଯାଉଥିବା ଗୃହ କାର୍ଯ୍ୟ ନିମ୍ନମାନର ହେଉଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଲେ ଯେ କାହିଁକି ଅଙ୍ଗନୱାଡି ଗୃହଗୁଡିକ ଏପରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଛି ମୁଁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

- **ଅର୍ଦ୍ଧନିର୍ମିତ ଅବସ୍ଥା ଯୋଗୁ ପିଲାଏ ପାଇପାରୁନାହାନ୍ତି ପ୍ରାକ୍ ଶିକ୍ଷା**
- **୧୯୭ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ରହିଛି**
- **ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି ୪୪ କେନ୍ଦ୍ର**
- **ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି: ସହକାରୀ ଯନ୍ତ୍ରୀ**



କୋରାପୁଟ-ବୋରିଗୁମ୍ମା-ରାଣୀଗଡ଼ ରାସ୍ତା।

# କୋରାପୁଟ-ବୋରିଗୁମ୍ମା-ରାଣୀଗଡ଼ ରାସ୍ତା ମରଣଯନ୍ତା

କୋରାପୁଟ,୧।୮(ସ୍ୱ.ପ୍ର. )

କୋରାପୁଟ ରାଣୀଗଡ଼ ରାସ୍ତା ପାଲଟିଛି ମରଣଯନ୍ତା। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଭାରିଯାନ ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼କୁ ଯାତାୟାତ କରିଥାଏ। ଜୟପୁର ଦେଇ ଭାରିଯାନ ଚଳାଚଳ କଲେ ଟ୍ରାଫିକ ସମସ୍ୟା ଦେଖା ଦେବାରୁ ଭାରିଯାନ ପାଇଁ କୋରାପୁଟ ରାଣୀଗଡ଼ ରାସ୍ତାକୁ ମୁଖ୍ୟ ରାସ୍ତା ଭାବେ ବଛାଯାଇଥିଲା। ଏବେ ରାଣୀଗଡ଼ ରାସ୍ତା ଖରାପ ହୋଇପଡିବାରୁ ଭାରିଯାନ ଚଳାଚଳ କରିବା କଷ୍ଟକର ହୋଇପଡୁଛି। ରାସ୍ତାରେ ବଡ଼ବଡ ଖାଲ ସୃଷ୍ଟି ହୋଇଛି। ସେହି ଖାଲରେ ଅନେକ ସମୟରେ ପାଣି ଜମି ରହୁଥିବାରୁ ଯାତାୟାତ ବେଳେ ଭାରିଯାନ ଇଞ୍ଜିନରେ ପାଣି ପଶି ଇଞ୍ଜିନ ଖରାପ ହେଉଛି। ଦୁଇ ଚକିଆ ଗାଡି ଯିବା ଆସିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏପରି ଅବସ୍ଥା ଯୋଗୁ ଉକ୍ତ ରାସ୍ତାରେ ଭାରିଯାନ ଚଳାଇବା ପାଇଁ ଡ୍ରାଇଭରମାନେ ରାଜି ହେଉନାହାନ୍ତି। ସେମାନେ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଏହି ରାସ୍ତା ପ୍ରତି ପ୍ରଶାସନ କିମ୍ବା ସରକାରଙ୍କ ଦୃଷ୍ଟି ପଡୁ ନ ଥିବାରୁ ଏହାର ଅବସ୍ଥାରେ ପରିବର୍ତ୍ତନ ଆସୁନାହିଁ। ରାସ୍ତା ଦୁରବସ୍ଥା ପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏହି ରାସ୍ତାରେ ବଡଧରଣର ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଯାଇ ନ ପାରେ।

- **ଭାରିଯାନ ଚଳାଚଳ କଷ୍ଟକର ହୋଇପଡୁଛି**
- **ଇଞ୍ଜିନରେ ପାଣି ପଶି ଇଞ୍ଜିନ ଖରାପ ହେଉଛି**
- **ଦୃଷ୍ଟି ନ ଦେଲେ ଘଟିପାରେ ବଡ଼ଧରଣର ଦୁର୍ଘଟଣା**

# ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି ହାଇଦ୍ରାବାଦ ଯାଉଥିବା ଘରୋଇ ବସ୍

ମାଲକାନଗିର,୧।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଦେଇ ହାଇଦ୍ରାବାଦକୁ ଯାଉଥିବା ଅନେକ ଘରୋଇ ବସ୍‌ରେ ପ୍ରତିଦିନ ମାଲକାନଗିରି ଜିଲାର ଅନେକ ଯାତ୍ରୀ ଯାତାୟାତ କରନ୍ତି। ତେବେ ଏହି ଘରୋଇ ବସ ଗୁଡିକରେ ଯାଉଥିବା ଅଧିକାଂଶ ଯାତ୍ରୀ ବସ ମାଲିକ ଓ କର୍ମଚାରୀଙ୍କ ଦ୍ୱାରା ଶୋଷଣର ଶିକାର ହୋଇଥାନ୍ତି। ସେମାନେ ଯାତ୍ରୀଙ୍କଠାରୁ ଟିକେଟ ବାବଦକୁ ସମସ୍ତ ଅର୍ଥ ନେଇ ବସିବାକୁ ସିଟ ଦେବାକୁ କହି ଟିକେଟ ଦେଇ ନ ଥାନ୍ତି କି ବସିବା ପାଇଁ ସିଟ ମଧ୍ୟ ଦିଅନ୍ତିନାହିଁ। ବସରେ ସିଟ ସଂଖ୍ୟାଠାରୁ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ନେଇ ନିୟମ ଉଲ୍ଲଂଘନ କରୁଥିବା ଏହି ବସ ମାଲିକଙ୍କ ଏପରି ଶୋଷଣରେ ନିରୀହ ଯାତ୍ରୀ ନୀରବ ରହିବାକୁ ବାଧ୍ୟ ହୋଇ ଥାନ୍ତି। ବସ୍ ମାଲିକମାନେ ସେମାନଙ୍କୁ ଷ୍ଟୁଲ କିମ୍ବା ତଳେ ବସି ଯାତ୍ରା କରିବାକୁ ବାଧ୍ୟ କରନ୍ତି। ଏଭଳି ଘଟଣା ନିତିଦିନିଆ ହୋଇଥିବା ବେଳେ ବସ କର୍ମଚାରୀ ଏବଂ ମାଲିକମାନେ ଯାତ୍ରୀଙ୍କୁ ଲୁଟିବାକୁ ପଛାଇ ନ ଥାନ୍ତି। ଯାତ୍ରୀଙ୍କ ନିକଟରେ କୌଣସି ଉପାୟ ନଥିବାରୁ ସେମାନେ ବାଧ୍ୟ ହୋଇ ଯାତ୍ରା କରିଥାନ୍ତି। ତେବେ ଦିନକୁ ଦିନ ମାଲକାନଗିରି ଦେଇ ହାଇଦ୍ରାବାଦ ଯାଉଥିବା ଘରୋଇ ବସଗୁଡିକରେ ଏଭଳି ଶୋଷଣ ବଢିବାରେ ଲାଗିଛି। ଏନେଇ ମାଲକାନଗିରି ଏମ.ଭି.ଆଇ ବିଭୁ ରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଘଟଣାର ତଦନ୍ତ କରି ନିୟମ ଉଲ୍ଲଂଘନ କରୁଥିବା ବସ କର୍ମଚାରୀ ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଘଟଣା
# ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

କୋରୁକୋଣ୍ଡା,୧।୮(ଡି.ଏନ. ଏ)

ମାଲକାନଗିରି ଜିଲା ଆଦର୍ଶ ଥାନା ଅଧୀନ କୋରୁକୋଣ୍ଡା ନିକଟସ୍ଥ ଇନ୍ଦିରା କଲୋନୀର ଜଣେ ୨୦ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଘଟଣାରେ ନ୍ୟାୟ ଦେବାକୁ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତା ଦିବ୍ୟାଙ୍ଗ ଯୁବତୀ ବଳାତ୍କାରର ଶିକାର ହୋଇଥିବା ନେଇ ପରିବାର ଲୋକେ ଗତ ୨୧।୭।୨୨ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାଲକାନଗିରି ଆଦର୍ଶ ଥାନାରେ ୪୧୫/୨୨ରେ ଏକ ମାମଲା ରୁଜୁ କରାଯାଇ କାର୍ତ୍ତିକ ଜାନି ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ପରିବାର ଲୋକ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଏହି ଘଟଣାରେ ଆଉ କେତେ ଜଣଙ୍କ ସମ୍ପୃକ୍ତି ଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ସେହିପରି ସମ୍ପୃକ୍ତା ଯୁବତୀଙ୍କୁ ୨ଥର ଡାକ୍ତରୀ ମାଇନା କରି ଅନେକ ଅବାନ୍ତର ପ୍ରଶ୍ନ ପଚରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଶଙ୍କର ମାଝି ,ମୋହନ ମାଝି, ଲକ୍ଷ୍ମୀ ଖିଲ, ତୁଳା ମାଝି, ନୀଳା ମାଝିଙ୍କ ସମେତ ଅନ୍ୟମାନେ ସମ୍ପୃକ୍ତ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ମାଲକାନଗିର,୧।୮ (ଡି.ଏନ୍.ଏ.)

**ବାପଘର ଆଣିଲେ ହତ୍ୟା ଅଭିଯୋଗ**

ମାଲକାନଗିରି ଜିଲା ସଦର ଶିଖପାଲି ପଞ୍ଚାୟତ ଏମ୍.ଭି.-୧୯ ଗ୍ରାମରେ ଜଣେ ବିବାହିତା ମହିଳା ଗ୍ରାମ ନିକଟରେ ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ସମ୍ପୃକ୍ତା ମହିଳାଙ୍କ ପରିବାର ଏବଂ ଗ୍ରାମବାସୀ ଏହାକୁ ହତ୍ୟା ବୋଲି ଅଭିଯୋଗ କରି ରବିବାର ରାତିରୁ ମୃତଦେହ ତଳକୁ ଓହ୍ଲାଇବା ପାଇଁ ଦେଇ ନ ଥିଲେ।

ମିଳିଥିବା ଖବରରୁ ଜଣାପଡିଛି, ଏମ୍.ଭି.-୧୯ ଗ୍ରାମର ଚନ୍ଦ୍ର ମଣ୍ଡଳ ୧୫ ବର୍ଷ ତଳେ ଏମ୍.ଭି.-୭୯ ଥାନା ତାମନପାଲି ଏମ୍.ପି.ଭି.-୧୨ ଗ୍ରାମରେ ବିବାହ କରିଥିଲେ। ତାଙ୍କର ୧୨ ବର୍ଷର ଝିଅ ଓ ୭ ବର୍ଷର ପୁଅ ରହିଛି। ଚନ୍ଦ୍ର ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ ଗଣ୍ଡଗୋଳ ଲାଗି ରହୁଥିଲା। ତେବେ ରବିବାର ଚନ୍ଦ୍ର ମାଂସ ଆଣି ସ୍ତ୍ରୀଙ୍କୁ ରାନ୍ଧିବାକୁ କହିଥିଲେ। ମାତ୍ର ସ୍ତ୍ରୀ ଶ୍ରାବଣ ମାସରେ ମାଂସ ରାନ୍ଧିବେ ନାହିଁ ବୋଲି ମନା କରିଥିଲେ। ଫଳରେ ଚନ୍ଦ୍ର ରାଗି ଯାଇ ସ୍ତ୍ରୀଙ୍କ ସହ ଝଗଡା କରିଥିବା କେତେକ ପଡୋଶୀ ପ୍ରକାଶ କରିଛନ୍ତି। ତେବେ ଝିଅ ମାଂସ ରାନ୍ଧି ବାପା ଚନ୍ଦ୍ରଙ୍କୁ ଖାଇବାକୁ ଦେଇଥିଲେ। ତେବେ ରାତିରେ ଚନ୍ଦ୍ରଙ୍କ ସ୍ତ୍ରୀ ଗ୍ରାମଠାରୁ କିଛି ଦୂରରେ ଏକ ଜଙ୍ଗଲରେ ବେକରେ ରଶି ଲାଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଚନ୍ଦ୍ର ଘଟଣା ସମ୍ପର୍କରେ ଏମ୍.ପି.ଭି. ୧୨ ସ୍ଥିତ ନିଜ ଶ୍ୱଶୁର ଘରକୁ ଜଣାଇଥିଲେ। ଚନ୍ଦ୍ରଙ୍କ ଶ୍ୱଶୁର ଶଳା ଏବଂ ଏମ୍.ପି.ଭି.-୧୨ ଗ୍ରାମବାସୀ ରାତିରେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ସମ୍ପୃକ୍ତା ମହିଳାଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚିବା ପରେ ମଧ୍ୟ ମୃତଦେହକୁ ତଳକୁ ଆଣିବାକୁ ଦେଇ ନ ଥିଲେ। କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସି ମୃତଦେହ ତଳକୁ ଆଣିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି। ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୋଲିସ ମୁତୟନ ହୋଇଛନ୍ତି।

# ମନ୍ଦିର ନିକଟରୁ ଉଦ୍ଧାର ଶିଶୁକନ୍ୟା
# ଜିଲା ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର

କୋରାପୁଟ,୧।୮(ସ୍ୱ.ପ୍ର.)

କୋରାପୁଟ ଜିଲାର ଲକ୍ଷ୍ମୀପୁର ବ୍ଲକର ସଦର ମହକୁମାରୁ ରବିବାର ବିଳମ୍ବିତ ରାତିରେ ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଶିଶୁ କନ୍ୟାକୁ ସ୍ଥାନୀୟ ମେଡିକାଲକୁ ପଠାଯାଇଛି। ସୋମବାର ଏହି ଶିଶୁକନ୍ୟାକୁ ଲକ୍ଷ୍ମୀପୁର ମେଡିକାଲ ଅଧିକାରୀ ଡାକ୍ତର ପ୍ରତ୍ୟୁଷ ଜେନା କୋରାପୁଟ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସଙ୍କୁ ହସ୍ତାନ୍ତର କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏହି ଶିଶୁକୁ ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିବା ଜଣାଯାଇଛି । ଏଠାରେ ଶିଶୁଟିର ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ ଜିଲା ଶିଶୁ ସଦନକୁ ପଠାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଲକ୍ଷ୍ମୀପୁର ରାମମନ୍ଦିର ନିକଟରେ କେହି ଛାଡିଦେଇଯାଇଥିବା ଶିଶୁ କନ୍ୟାଟି ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଲକ୍ଷ୍ମୀପୁର ଥାନା ଅଧିକାରୀ ଶ୍ୱେତପଦ୍ମା ସେଠ, ଏସଆଇ ମାନସ ରଞ୍ଜନ ପ୍ରଧାନ ଓ ଦୁର୍ଗା ପ୍ରସାଦ ବ୍ରହ୍ମ ଘଟଣା ସ୍ଥଳରେ ପହଞ୍ଚି ୩ ମାସର ଏହି ଶିଶୁ କନ୍ୟାକୁ ଉଦ୍ଧାର କରି ଲକ୍ଷ୍ମୀପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରତ୍ୟୁଷ ଜେନା ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉଦ୍ଧାର ସମୟରେ ଶିଶୁଟି ଦାମି ଡ୍ରେସ୍ ପିନ୍ଧିଥିବା ସହ ହାତରେ ରୁପା ଖଡୁ ଲଗାଇଥିଲେ। ପୋଲିସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ପୋଲିସ ଶିଶୁଟିର ପରିଚୟ ଜାଣିବାକୁ ପ୍ରୟାସ ଆରମ୍ଭ କରିଛି। ଅନ୍ୟପକ୍ଷରେ ସୋମବାର ୩ ମାସର ଏହି ଶିଶୁଟିକୁ ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଛି। ଶିଶୁଟିର ସମସ୍ତ ଚିକିତ୍ସା କରାଯାଉଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କହିଛନ୍ତି।

# କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ଅଙ୍ଗନୱାଡି କର୍ମୀ

କୋରୁକୋଣ୍ଡା, ୧।୮(ଡି.ଏନ. ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରୀ-୩ ପଞ୍ଚାୟତର ଏମଭି-୧୦୪ ଗ୍ରାମରେ ଚମ୍ପା ସରକାର ନାମକ ଝିଅ ଆଜିକୁ ୫ ବର୍ଷ ହେବ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଗତ କିଛି ବର୍ଷ ହେବ ସେ ଅନ୍ୟତ୍ର ବିବାହ କରିବା ପରେ ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସପ୍ତାହରେ କେଉଁ ଦିନ କେନ୍ଦ୍ରକୁ ଆସିଲେ କେଉଁ ଦିନ ଆସୁନାହାନ୍ତି। ବିଭିନ୍ନ ଆଳ ଦେଖାଇ ସେ ସବୁବେଳେ ବିଳମ୍ବରେ ଆସୁଛନ୍ତି। ଏନେଇ ଯଦି କେହି ତାଙ୍କୁ କେହି ପଚାରେ ତାହେଲେ ସେ ଦୁର୍ବ୍ୟବହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖାଦ୍ୟ ବଣ୍ଟନରେ ଅନିୟମିତତା, ପିଲାଙ୍କୁ ପାଠ ନ ପଢାଇବା, ଗର୍ଭବତୀ ମହିଳାଙ୍କୁ ସୁଷମ ଖାଦ୍ୟ ବଣ୍ଟନରେ ଅନିୟମିତତା ଆଦି ଅଭିଯୋଗ ଗ୍ରାମବାସୀ କରିଛନ୍ତି। ଶେଷରେ ଗ୍ରାମବାସୀ ଏନେଇ ଗତ ମାସରେ କୋରୁକୋଣ୍ଡା ସିଡିପିଓ ନୀଳିମାରାଣୀ ମଣ୍ଡଳଙ୍କୁ ଜଣାଇଥିଲେ। ସିଡିପିଓ ଗତ ୧୦।୬ ଓ ୧୯।୭ରେ ଯାଇ ତଦନ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଏଥିରୁ କିଛି ସୁଫଳ ମିଳି ନ ଥିଲା । ଗ୍ରାମବାସୀ ପୁଣି ଥରେ ଗତ ୨୨/୭ରେ ମାଲକାନଗିରି ଜଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଯାଇଥିଲେ। ୫ଦିନ ପରେ କୌଣସି ସମାଧାନ ନ ହେବାରୁ ୨୭।୭ରେ କୋରୁକୋଣ୍ଡା ପଞ୍ଚାୟତ ସମିତି ବିଡ଼ିଓ ,ସିଡ଼ିପିଓ, ଡିଏସଡବ୍ଲ୍ୟୁଓ ଏବଂ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ପ୍ରତିମାସରେ ହେଉଥିବା ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସକୁ ବର୍ଜନ କରି ଗ୍ରାମବାସୀ ନିକଟସ୍ଥ ଏମ୍ଭି-୧୦୯ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ସମିଲ ହୋଇଥିବା ଜଣାପଡିଛି । ଏନେଇ କୋରୁକୋଣ୍ଡା ସିଡିପିଓଙ୍କୁ ପଚାରିବାରୁ ସେ କହିଲେ, ପୂର୍ବରୁ ଯାଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସମାଧାନ ହୋଇପାରିନାହିଁ। ଗ୍ରାମର ୱାର୍ଡମେମ୍ବର ବ୍ରିନ୍ଦା ମଣ୍ଡଳ, ପଲ୍ଲି ମଙ୍ଗଳ ସଭାପତି ରମେଶ ବିଶ୍ୱାସ ,ସମ୍ପାଦକ କୃଷ୍ଣପଦ ମଣ୍ଡଳ, ସୁକାନ୍ତ ହାଲଦାର, ଗୌତମ ସିଲ,କ୍ରିଷ୍ଣା ସରକାର, ନିତ୍ୟାନନ୍ଦ ମଣ୍ଡଳ, ରେଣୁକା ବିଶ୍ୱାସ, ସିବାଲୁ ସରକାରଙ୍କ ସମେତ ଅନ୍ୟମାନେ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଦାବି କରିଛନ୍ତି।



ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ପରିବାର ।

# ଜୟପୁରରେ ପ୍ରବଳ ବର୍ଷା, ଲୋକଙ୍କ ଘରେ ପଶିଲା ପାଣି

ଜୟପୁର,୧।୮ (ନି.ପ୍ର.)

**ଜାତୀୟ ରାଜପଥ ଅବରୋଧ କଲେ ସାହି ବାସିନ୍ଦା**

ସୋମବାର ସକାଳେ ଜୟପୁରରେ ପ୍ରବଳ ବର୍ଷା ହୋଇଛି। ସହରର ଖ୍ରୀଷ୍ଟିଆନପେଟା ନିକଟସ୍ଥ ବିଜୁରାଜ ନଗର, ଡିଆଇସି ଅଫିସ ଅଞ୍ଚଳରେ ରହିଥିବା ସମସ୍ତଙ୍କ ଘରେ ବର୍ଷା ପାଣି ପଶିଛି। ଉକ୍ତ ଅଞ୍ଚଳରେ ନାଳ ଓ ରାସ୍ତା ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ସାହିବାସିନ୍ଦା ୨୬ ନଂ. ଜାତୀୟ ରାଜପଥ ଖ୍ରୀଷ୍ଟିଆନପେଟା ନିକଟରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟର ପହଞ୍ଚି ସାହିବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ଏଥିସହ ଜୟନଗର ନିକଟରେ ଥିବା ଉତ୍କଳ ବିହାର ଅଞ୍ଚଳରେ ଘରେ ବର୍ଷା ପାଣି ପଶିଯାଇଥିବା ନେଇ ସାହିବାସିନ୍ଦା ଭିଡିଓ ଉତ୍ତୋଳନ କରି ଭାଇରାଲ କରିଥିଲେ।


ଘରେ ପଶିଥିବା ବର୍ଷାପାଣିକୁ ଲୋକେ ବାହାର କରୁଛନ୍ତି।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ

ମାଲକାନଗିର,୧।୮ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧କୁ ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେକ ସଂଶୋଧନ କରାଯାଇଛି। ଏହା ସୋମବାରଠାରୁ କାର୍ଯ୍ୟକାରୀ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଜିଲାପାଳ ବିଶାଳ ସିଂ ସୂଚନା ଦେଇଛନ୍ତି। ଏହି ଅବସରରେ ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ, ଉପଜିଲାପାଳ ଅକ୍ଷୟ କେମୁଣ୍ଡୁ, ସହକାରୀ ଜିଲାପାଳ ଲଳିତ ମଣ୍ଡଳ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ରୂପାନ୍ତରିତ ପଞ୍ଜୀକରଣ ଫର୍ମ ୬ରେ ଯେକୌଣସି ଭୋଟର ସେମାନଙ୍କ ଭବିଷ୍ୟତ ପାଇଁ ଆଧାର କାର୍ଡରେ ମଧ୍ୟ ନିଜର ସମସ୍ତ ତଥ୍ୟ ଫର୍ମ ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରି ସଂଶୋଧିତ ଭୋଟର ତାଲିକାରେ ସ୍ଥାନ ପାଇପାରିବେ। ଫଳରେ ସେମାନଙ୍କ ଆଗାମୀ ଦିନର ସମସ୍ତ ତଥ୍ୟ ଗୋଟିଏ କାର୍ଡ ମାଧ୍ୟମରେ ହୋଇପାରିବ। ବିଶେଷ କରି ଫର୍ମ-୭ ସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରିପାରିବେ। ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର, ଭୋଟର ତାଲିକାରେ ବିବରଣୀ ସଂଶୋଧନ, ଭୋଟର ପରିଚୟପତ୍ର ବଦଳ କରିବା, ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ, ସ୍ୱେଚ୍ଛାକୃତ ଭାବେ ଭୋଟରଙ୍କଠାରୁ ଆଧାର ବିବରଣୀ ସଂଗ୍ରହ, ୧।୪।୨୦୨୩ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କ ଆଧାର ନମ୍ବର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବେ। ଏଥିପାଇଁ ନୂତନ ଫର୍ମ ୬ (ଖ) ପ୍ରଚଳନ କରାଯାଇଛି। ଅଗଷ୍ଟ ୧ରୁ ଏହି ଫର୍ମ ୱେବସାଇଟ, ଇରୋନେଟ, ଗରୁଡା, ଏନ୍‌ଭିଏସ୍‌ପି., ଭି.ହେଏଚ୍ ଇତ୍ୟାଦିରେ ଉପଲବ୍ଧ ହେବ । ବର୍ତ୍ତମାନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଗୋଟିଏ ଯୋଗ୍ୟତା ସୂଚକ ତାରିଖ

ପରିବର୍ତ୍ତେ ୪ଟି ଯୋଗ୍ୟତା ସୂଚକ ତାରିଖ ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ ରଖାଯାଇଛି। ଯଦି କୌଣସି ଭୋଟରଙ୍କ ଦୁଇଟି ଜାଗାରେ ନାମ ପଞ୍ଜୀକରଣ ହୋଇଥାଏ ତୁରନ୍ତ ଗୋଟିଏ ଜାଗାରୁ ନାମକୁ ବାଦ ଦେଇ ଆଧାର କାର୍ଡ ମୁଞ୍ଜୁର କରାଯିବ। ମାଲକାନଗିରି ଜିଲାରେ ୪,୩୫.୩୪୭ ଭୋଟର ସେମାନଙ୍କର ଭୋଟର କାର୍ଡ ସଂଶୋଧନ, ଆଧାର ଲିଙ୍କ୍ ଆଦି କରିପାରିବେ। ସେହିପରି ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକମାନେ ଆଗୁଆ ପଞ୍ଜୀକରଣ କରିପାରିବେ। ଜାନୁଆରୀ ୧ ପରେ ୧୮ ବର୍ଷ ହୋଇଥିବା ଯୁବବର୍ଗଙ୍କୁ ଏଥିପାଇଁ ଏକବର୍ଷ ଅପେକ୍ଷା କରିବାକୁ ପଡୁଥିଲା। ନିର୍ବାଚନ ନିୟମରେ ପରିବର୍ତ୍ତନ ଅଣାଯିବା ପରେ ଏହି ଯୁବବର୍ଗ ଆଗୁଆ ପଞ୍ଜୀକରଣ କରିପାରିବେ । ପ୍ରତି ତିନିମାସକୁ ଥରେ ଭୋଟର ତାଲିକା ଅପଡୁଡେଟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

